## ୬.୫ ଲକ୍ଷ ଠକେଇ; ସିମେଣ୍ଟ ଦୋକାନୀ ଗିରଫ

ଭୁବନେଶ୍ୱର, ୨୦।୧(ସମିସ): ୬ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ସିମେଣ୍ଟ ଦୋକାନୀଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଭରତପୁର ଜିଏ କଲୋନୀରେ ରହୁଥିବା ପାଟକୁରା ଥାନା ଅଞ୍ଚଳର ବସନ୍ତ ବେହେରା (୬୩)।



ପୁଲିସ ସୂଚନା ଅନୁସାରେ, ବସନ୍ତଙ୍କର ବରମୁଣ୍ଡା ଅଞ୍ଚଳରେ ଏକ ଛଡ଼ ଓ ସିମେଣ୍ଟ ଦୋକାନ ରହିଥିବାବେଳେ ବ୍ୟାବସାୟିକ କାରଣରୁ ରଶ୍ମିରଞ୍ଜନଙ୍କର ତାଙ୍କ ସହିତ ଦେଖାହେଉଥିଲା। ବସନ୍ତ ଏହାର ସୁଯୋଗ ନେଇ ୨୦୨୩ ମେ' ୨୩ରେ ରଶ୍ମିରଞ୍ଜନଙ୍କଠାରୁ ୩ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ ଓ ସେହି ବର୍ଷ ଅଗଷ୍ଟ ମାସ ସୁଦ୍ଧା ଫେରାଇଦେବାକୁ ଚୁକ୍ତି କରିଥିଲେ। ବସନ୍ତ ଏହା ପୂର୍ବରୁ ଅର୍ଥାତ୍ ୨୦୨୧ ଡିସେମ୍ବର ୬ରେ ରଶ୍ମିରଞ୍ଜନଙ୍କ ମାଧ୍ୟମରେ ତାଙ୍କ ବନ୍ଧୁଙ୍କଠାରୁ ୩ ଲକ୍ଷ ଟଙ୍କା ନେଇଥିଲେ। ଏହା ଭିତରେ କିଛି ବର୍ଷ ବିତିଯାଇଥିଲେ ମଧ୍ୟ ବସନ୍ତ ନେଇଥିବା ଟଙ୍କା ଫେରାଇ ନ ଥିଲେ। ରଶ୍ମିରଞ୍ଜନ ଟଙ୍କା ଫେରସ୍ତ ପାଇଁ ଦାବି କରିବାରୁ ବସନ୍ତ ମନା କରିବା ସହ ଧମକ ଦେଇଥିଲେ। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ସୋମବାର ବସନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଚୁକ୍ତିପତ୍ର ଜବତ କରାଯାଇଛି।

## 'ନିଶାର୍ଦ୍ଧ ଶାଳଭଞ୍ଜିକା'ର ଦ୍ୱିତୀୟ ସଂସ୍କରଣ ଲୋକାର୍ପିତ



ଭୁବନେଶ୍ୱର, ୨୦।୧(ସମିସ): ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ଗବେଷଣାଧର୍ମୀ ଐତିହାସିକ କାହାଣୀ ପୁସ୍ତକ 'ନିଶାର୍ଦ୍ଧ ଶାଳଭଞ୍ଜିକା' ଏବଂ ମନ ଓ ଶରୀରକୁ ନେଇ ରଚିତ ପୁସ୍ତକ 'ଆମ ମନ: ଆମ ଶରୀର' ପୁସ୍ତକର ଦ୍ୱିତୀୟ ସଂସ୍କରଣ ପାଠକାର୍ପିତ ହୋଇଛି। ବୈଷ୍ଣବ ଚରଣ ମହାନ୍ତିଙ୍କ ପ୍ରତିଷ୍ଠିତ 'ବନ୍ଧୁଘର ସାହିତ୍ୟ ପିଣ୍ଡା'ରେ ଏହି ପୁସ୍ତକ ଦ୍ୱୟର ଲୋକାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର, କଳିଙ୍ଗ ଇତିହାସ ଅନୁଷ୍ଠାନର ସଭାପତି ସାହିତ୍ୟିକ ସୁନିଲ ବିଶ୍ୱାଳ, କବୟିତ୍ରୀ ମଞ୍ଜୁବାଳା ଦାସ ଓ ସାହିତ୍ୟିକ ନିହାର ରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇ ପୁସ୍ତକ ଦ୍ୱୟର ପାଠକାର୍ପଣ କରିଛନ୍ତି। ୩୧ଟି ମନସ୍ତାତ୍ତ୍ୱିକ ଓ ଦାର୍ଶନିକ ପ୍ରବନ୍ଧକୁ ନେଇ 'ଆମ ମନ: ଆମ ଶରୀର' ରଚିତ ହୋଇଥିବାବେଳେ ନିଶାର୍ଦ୍ଧ ଶାଳଭଞ୍ଜିକା ପୁସ୍ତକରେ ମଧ୍ୟ ଅନ୍ୟ ଆଲେଖ୍ୟ ସଂଯୋଗ ହୋଇଛି। ପରିବର୍ଦ୍ଧିତ କାହାଣୀରେ ଖାରବେଳଙ୍କ ଶାସନରେ ଶିଶୁପାଳଗଡ଼ରେ ୩୮ ଲକ୍ଷ ମୁଦ୍ରାରେ ନିର୍ମିତ ମହାବିଜୟ ପ୍ରସାଦର ବର୍ଣ୍ଣନା ରହିଛି।

### ବେହାଲ ରାଜଧାନୀ...

# ଟ୍ରାଫିକ୍‌ରେ ବି କାମଚଳା ବ୍ୟବସ୍ଥା

ଭୁବନେଶ୍ୱର, ୨୦।୧(ସମିସ): ରାଜଧାନୀରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେଉଛି। ଲୋକମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଯଥେଷ୍ଟ ସମୟ ଆଗରୁ ବାହାରିଥିଲେ ମଧ୍ୟ ସଠିକ୍ ସମୟରେ ପହଞ୍ଚିପାରୁ ନାହାନ୍ତି। ପୂର୍ବରୁ କେତୋଟି ହାତଗଣତି ଛକରେ ଟ୍ରାଫିକ୍ ସମସ୍ୟା ଦେଖାଯାଉଥିବା ବେଳେ ଏବେ ପ୍ରାୟ ସବୁ ଛକରେ ଟ୍ରାଫିକ୍ ଜାମ୍ ଏକ ବଡ଼ ସମସ୍ୟା ହୋଇ ଉଭା ହୋଇଛି। ଭୁବନେଶ୍ୱରର ଦୁଇଟି ଟ୍ରାଫିକ୍ ଥାନାରେ ଆବଶ୍ୟକତାଠାରୁ ଢେର୍ କମ୍ ଅଧିକାରୀ ରହିଛନ୍ତି। ମୋଟାମୋଟି କହିବାକୁ ଗଲେ, ଆବଶ୍ୟକତାର ମାତ୍ର ୩୮% ଅଧିକାରୀଙ୍କୁ ନେଇ ପରିଚାଳନା ହେଉଛି ଭୁବନେଶ୍ୱର ଟ୍ରାଫିକ୍। ଟ୍ରାଫିକ୍ ପୁଲିସରେ ଥିବା ଅପାରଗତା ଲୁଚାଇବାକୁ ଏବେ ନୂଆ ପନ୍ଥା ଆପଣାଇଛି କମିସନରେଟ୍ ପୁଲିସ। ପ୍ରତିଦିନ ବିଭିନ୍ନ ଥାନାରୁ ୪ଜଣ ଏସ୍‌ଆଇ ଓ ଏଏସ୍‌ଆଇ ଟ୍ରାଫିକ୍‌ରେ ମୁତୟନ ହେବା ନେଇ ପୁଲିସ କମିସନର ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ମଧ୍ୟ ଆହୁରି ୫୦% ପଦ ଫାଙ୍କା ରହିବ।

ସୂଚନା ଅନୁସାରେ, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ଅଧୀନରେ ଥିବା ୨୪ଟି ଥାନାକୁ ଦୁଇଟି ଟ୍ରାଫିକ୍ ଥାନାରେ ବିଭକ୍ତ କରାଯାଇଛି। ଟ୍ରାଫିକ୍ ଥାନା ୨ ଅଧୀନରେ ୧୧ଟି ଥାନା ଯାଉଥିବାବେଳେ ବାକି ଟ୍ରାଫିକ୍ ଥାନା ୧ ଅଧୀନରେ ରହିଛି। ଟ୍ରାଫିକ୍ ଥାନା-୧ରେ ୧୩ଟି ସବ୍ ଇନ୍ସପେକ୍ଟର ଓ ୩ଟି ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ପଦକୁ ମଞ୍ଜୁରୀ ମିଳିଛି। ହେଲେ ମାତ୍ର ୭ ଜଣ ସବ୍ ଇନ୍ସପେକ୍ଟର ରହିଥିବାବେଳେ ଜଣେ ବି ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ନାହାନ୍ତି। ସେହିପରି ଟ୍ରାଫିକ୍ ଥାନା ୨ରେ ମଧ୍ୟ ସମାନ ଅବସ୍ଥା। ଟ୍ରାଫିକ୍ ଥାନା ୨ରେ ୬ଟି



ସବ୍ ଇନ୍ସପେକ୍ଟର ଓ ୧୦ଟି ଏଏସ୍‌ଆଇ ପଦ ରହିଛି। କିନ୍ତୁ ୪ ଜଣ ସବ୍ ଇନ୍ସପେକ୍ଟର ଓ ମାତ୍ର ଜଣେ ଏଏସ୍‌ଆଇ ରହିଛନ୍ତି। ମୋଟାମୋଟି ଦେଖିବାକୁ ଗଲେ, ଦୁଇଟିଯାକ ଟ୍ରାଫିକ୍ ଥାନାରେ ୩୨ ଜଣ ଅଧିକାରୀ ବଦଳରେ ମାତ୍ର ୧୨ ଜଣ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ଆବଶ୍ୟକତାର ମାତ୍ର ୩୮% ଅଧିକାରୀରେ ଭୁବନେଶ୍ୱର ଟ୍ରାଫିକ୍ ପରିଚାଳିତ ହେଉଥିବା ସ୍ପଷ୍ଟ ହୋଇଛି।

ସେପଟେ ଏଭଳି ଅପାରଗତା ଲୁଚାଇବାକୁ ପ୍ରଥମଥର କରି ନୂଆ ପନ୍ଥା ଆପଣାଯାଇଛି। ଟ୍ରାଫିକ୍ ପରିଚାଳନା ପାଇଁ ସପ୍ତାହବ୍ୟାପୀ ଅନ୍ୟ ଥାନାରୁ ଅଧିକାରୀ ନିୟୋଜିତ କରିବାକୁ ନିଷ୍ପତ୍ତି ନିଆଯାଇଛି। କେବଳ ରବିବାରକୁ ଛାଡ଼ିଦେଲେ ଅନ୍ୟ ବାରଗୁଡ଼ିକରେ ବିଭିନ୍ନ ଥାନାରୁ ୪ ଜଣ ଏସ୍‌ଆଇ/ଏଏସ୍‌ଆଇଙ୍କୁ ଆଣି ଟ୍ରାଫିକ୍‌ରେ ମୁତୟନ କରିବାକୁ ପୁଲିସ କମିସନର ନିର୍ଦ୍ଦେଶ ଦେଇଛନ୍ତି। ରବିବାର ସମାନ ଉପାୟରେ ୫ଜଣ ଅଫିସରଙ୍କୁ ନିୟୋଜିତ କରିବାକୁ ଦ୍ୱୈତନଗରୀର ପୁଲିସ ମୁଖିଆ ଚିଠି ଲେଖିଛନ୍ତି। କେଉଁ ବାରରେ, କେଉଁ ଥାନାରୁ, କେତେ ଅଧିକାରୀ ଟ୍ରାଫିକ୍‌କୁ ଯିବେ, ସେନେଇ ସ୍ପଷ୍ଟ ଭାବେ ଚିଠିରେ ଉଲ୍ଲେଖ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଥାନାର ଅଫିସରମାନଙ୍କୁ ଟ୍ରାଫିକ୍ ଡିସିପିଙ୍କ ନିକଟରେ ରିପୋର୍ଟ କରାଇବାକୁ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଥାନାରୁ ଅଧିକାରୀମାନେ ଟ୍ରାଫିକ୍‌କୁ ଯିବା ପରେ ମଧ୍ୟ ଆହୁରି ୫୦% ଅଧିକାରୀ ନିଅଣ୍ଟ ହେବ। ଏଭଳି ସ୍ଥିତିରେ ଟ୍ରାଫିକ୍ ପରିଚାଳନା କିପରି ହେବ, ତାହା ଅନୁମେୟ। ଖାଲି ଏତିକି ନୁହେଁ, ରାଜଧାନୀର ଥାନାଗୁଡ଼ିକରେ ଅଧିକାରୀଙ୍କ ସଂଖ୍ୟା କଥା ନ କହିଲେ ଭଲ। ଦୀର୍ଘଦିନ ହେବ କେଉଁଠି କେଞ୍ଚାଏ, କେଉଁଠି ମେଞ୍ଚାଏ ପରିସ୍ଥିତି ଲାଗି ରହିଛି। ଥାନାରେ ଥିବା ଅଧିକାରୀମାନେ ଟ୍ରାଫିକ୍‌କୁ ଯିବା ପାଇଁ ନିର୍ଦ୍ଦେଶ ଆସିବା ପରେ ଥାନା ଅଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି। ଏହାଦ୍ୱାରା ଥାନାର ବଳ ହ୍ରାସ ପାଇବା ସହିତ ଡିସିଓଠାରୁ ଆରମ୍ଭ କରି ତଦନ୍ତ, ପାଟ୍ରୋଲିଂ କିପରି ହେବ ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ।

**ଅପାରଗତା ଲୁଚାଇବାକୁ ଥାନାରୁ ଭରଣା**

**ପ୍ରତିଦିନ ଥାନାରୁ ଟ୍ରାଫିକ୍‌କୁ ଯିବେ ୪ ଅଫିସର**

**ଅଛନ୍ତି ମାତ୍ର ୩୮% ଟ୍ରାଫିକ୍ ଅଧିକାରୀ**

## ଭ୍ୟାନ୍ ଓଲଟି ଲୁନା ଚୂରମାର୍

ନନ୍ଦନକାନନ, ୨୦।୧(ସମିସ): ନନ୍ଦନକାନନ ଗୋଲେଇ ଛକର ଟିକିଏ ଆଗକୁ ବୁଲାଣି ପୂର୍ବରୁ ଏକ ଓମ୍‌ଫେଡ୍ ଭ୍ୟାନ୍ ଓଲଟି ପଡ଼ିବାରୁ ଗୋଟିଏ ଲୁନା ଚୁରମାର୍ ହୋଇଯାଇଥିବା ଜଣାପଡ଼ିଛି। ଭ୍ୟାନ୍‌ଟି ରଘୁନାଥପୁର ପଟୁ ବାରଙ୍ଗ ଆଡ଼େ ଯାଉଥିଲା। ନନ୍ଦନକାନନ ବସ୍‌ଷ୍ଟାଣ୍ଡ ଟପି ଅଳ୍ପ ଦୂର ଯାଇଛି ଏହି ସମୟରେ ଚାଳକ ଭାରସାମ୍ୟ ହରାଇବାରୁ ରାସ୍ତାର ବାମ ପଟକୁ ଓଲଟି ପଡ଼ିଥିଲା। ଏହି ସମୟରେ ସେଠାରେ ଥିବା ଏକ ଲୁନା ଉପରେ ଗାଡ଼ିଟି ପଡ଼ିଯାଇଥିଲା। ଚାଳକ ଜଣକ ଦୁର୍ଘଟଣା ଘଟାଇ ସେଠାରୁ ଦୌଡ଼ି ପଳାଇଥିଲେ। ଖବର ପାଇ ନନ୍ଦନକାନନ ପୁଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ଥାନାରେ ରଖିଛି। ଲୁନାଟି ବାରଙ୍ଗ ଅଞ୍ଚଳର ଜଣେ ଲୋକର ବୋଲି ପୁଲିସ ଜାଣିବାକୁ ପାଇଥିବାବେଳେ ଖବର ଲେଖା ହେଲା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୁଲିସ କହିଛି।



## ଘରେ ଏଟିଏମ୍ କାର୍ଡ; ଆକାଉଣ୍ଟରୁ ଟଙ୍କା ଗୋଲ୍

ଭୁବନେଶ୍ୱର, ୨୦।୧(ସମିସ): ଘରେ ରହିଛି ଏଟିଏମ୍ କାର୍ଡ, ହେଲେ ଆକାଉଣ୍ଟରୁ ୫୩ ହଜାର ୩୭୫ ଟଙ୍କା ଗାଏବ ହୋଇଯାଇଛି। ଏନେଇ ଜିଆର୍‌ପି ଥାନାରେ ଭାନୁପ୍ରତାପ ମିଶ୍ର ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଭାନୁପ୍ରତାପଙ୍କ ଏକ ଏଟିଏମ୍ କାର୍ଡ ରହିଛି। ହେଲେ ଗତ ସପ୍ତାହରେ ତାଙ୍କ ଆକାଉଣ୍ଟରୁ ୫୩ହଜାର ୩୭୫ ଟଙ୍କା ଗାଏବ ହୋଇଯାଇଥିଲା। ତାଙ୍କ ନିକଟରେ ଏଟିଏମ୍ କାର୍ଡ ଥିବାବେଳେ ମାଷ୍ଟରକ୍ୟାଣ୍ଟିନ୍ ଷ୍ଟେସନ ଏଟିଏମ୍‌ରେ ତାଙ୍କ ଏଟିଏମ୍ କାର୍ଡରୁ ଟଙ୍କା ଉଠିଥିଲା। ଭାନୁପ୍ରତାପ ବ୍ୟାଙ୍କ୍‌ରୁ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

## କଟୁରିରେ ଆକ୍ରମଣ କରି ଲୁଟ୍ ଘଟଣା; ୨ ଗିରଫ





ଭୁବନେଶ୍ୱର, ୨୦।୧(ସମିସ): କଟୁରିରେ ଆକ୍ରମଣ କରି ଲୁଟ୍ କରିଥିବା ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପିଟୁ ପଡ଼ିଆ ବସ୍ତିର କାହ୍ନା ସାହୁ (୨୩) ଓ ନବୀନ ଶତପଥୀ (୨୩)।

ପୁଲିସ ସୂଚନା ଅନୁସାରେ, ୨୦୨୪ ଡିସେମ୍ବର ୧ ତାରିଖ ମଧ୍ୟରାତ୍ରିରେ ସୁନିଲ କୁମାର ସାହୁ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ସେହି ସମୟରେ କାହ୍ନା, ନବୀନ ଓ ପ୍ରିତିଶ ସ୍କୁଟିରେ ଆସି ସୁନିଲଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ତାଙ୍କଠାରୁ ମୋବାଇଲ୍ ଫୋନ୍, ବ୍ୟାଗ୍ ଓ ପର୍ସ ଲୁଟ୍ କରି ଏକାମ୍ର କାନନ ଆଡ଼କୁ ଚାଲି ଯାଇଥିଲେ। ଏନେଇ ସୁନିଲ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ପ୍ରିତିଶକୁ କିଛିଦିନ ପୂର୍ବେ ଅନ୍ୟ ଏକ ଘଟଣାରେ ମୈତ୍ରୀ ବିହାର ଥାନା ପୁଲିସ ଗିରଫ କରିବା ପରେ ତା'ର ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ତା'ଠାରୁ ମିଳିଥିବା ସୂଚନା ଆଧାରରେ ପୁଲିସ କାହ୍ନା ଓ ନବୀନକୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ, ଗୋଟିଏ କଟୁରି, ଗୋଟିଏ ରଡ୍ ଓ ଏକ ସ୍କୁଟି ଜବତ କରାଯାଇଛି। କାହ୍ନା, ନବୀନ ଓ ପ୍ରିତିଶ ମିଶି ନୀଳାଦ୍ରି ବିହାର ଇଶାଣେଶ୍ୱର ମନ୍ଦିର ନିକଟରେ ହିମାଂଶୁ ଶେଖର ବେହେରାଙ୍କୁ ଆକ୍ରମଣ କରି ମୋବାଇଲ୍ ଲୁଟ୍ କରିଥିଲେ। ସେହି ମୋବାଇଲକୁ କ୍ୟାପିଟାଲ ଥାନା ଦୁର୍ଗାମଣ୍ଡପ ନିକଟରେ ରହୁଥିବା ଆଶିଫ୍ ଖାନକୁ ବିକ୍ରି କରି ଦେଇଥିଲା। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସୋମବାର ଆଶିଫଙ୍କୁ ଗିରଫ କରିବା ସହିତ ମୋବାଇଲ ଫୋନ ଜବତ କରିଛି। କାହ୍ନା ଓ ନବୀନ ନାମରେ ଚନ୍ଦ୍ରଶେଖରପୁର, ସହିଦନଗର, ଚନ୍ଦକା ଓ କ୍ୟାପିଟାଲ ଥାନାରେ ପୂର୍ବରୁ ଏକାଧିକ ମାମଲା ରହିଥିବା ତଦନ୍ତବେଳେ ଜଣାପଡ଼ିଥିଲା।

# ରାଜଧାନୀରେ ଏ କି ସ୍ପିଡ୍ ବ୍ରେକର !

- ଦୁର୍ଘଟଣା ବଢ଼ାଉଛି ଅଧିକ ଉଚ୍ଚା ସ୍ପିଡ୍ ବ୍ରେକର
- ସାଇନେଜ୍ ନାହିଁ; ବିପଦରେ ଗର୍ଭବତୀ ଓ ରୋଗୀ
- ଆମ୍ବୁଲାନ୍ସ, ଅଗ୍ନିଶମ ଭଳି ଜରୁରୀକାଳୀନ ଯାନର ଗତିରୋଧ କରୁଛି
- ଶରୀର ପ୍ରତି କ୍ଷତିକାରକ; ବାହାରିପାରେ ଅଣ୍ଟା ଯନ୍ତ୍ରଣା ସମସ୍ୟା



ଜୟଦେବ ବାଟିକା

ଭୁବନେଶ୍ୱର, ୨୦।୧(ସମିସ): ସ୍ପିଡ୍ ବ୍ରେକରଗୁଡ଼ିକ ଦୁର୍ଘଟଣା କମାଇବାକୁ ନିର୍ମାଣ କରାଯାଏ। ହେଲେ ରାଜଧାନୀରେ ମନଇଚ୍ଛା ସ୍ପିଡ୍ ବ୍ରେକର ନିର୍ମାଣ ଯୋଗୁଁ ଏହା ଏବେ ଚାଳକଙ୍କ ପାଇଁ ଦୁର୍ଘଟଣାର ଏକ ପ୍ରମୁଖ କାରଣ କାରଣ ପାଲଟିଛି। ଏହା ପୂର୍ବରୁ କୌଣସି ସାଇନେଜ୍‌ରହୁନାହିଁ। ଯାହାଫଳରେ ସ୍ପିଡ୍ ବ୍ରେକର ଦେଖାଯାଉ ନାହିଁ। ବାଇକ୍ ଚାଳକ ଅଚାନକ ବ୍ରେକ୍ ମାରୁଛନ୍ତି। ପଛରେ ବସିଥିବା କୋ-ପାସେଞ୍ଜର ଭାରସାମ୍ୟ ହରାଇ ତଳେ ପଡ଼ିଯାଉଛି। ଅନ୍ୟ ପକ୍ଷରେ କାର୍‌ଚାଳକ ପାଇଁ ରାଜଧାନୀର ସ୍ପିଡ୍ ବ୍ରେକର ପାର୍ କରିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଯାଉଛି। ଉଚ୍ଚା ଉଚ୍ଚା ସ୍ପିଡ୍ ବ୍ରେକରରେ କେତେବେଳେ ଗାଡ଼ି ଚେପା ହୋଇଯାଉଛି ତ ପୁଣି କେତେବେଳେ କାର୍ ଷ୍ଟାର୍ଟ ବନ୍ଦ ହୋଇ ମଝିରେ ଅଟକି ଯାଉଛି। କାର୍‌କୁ ଠେଲି ଏଥିରୁ ବାହାର କରିବା ପାଇଁ ୩ରୁ ୪ଜଣ ଲୋକଙ୍କୁ ଡାକିବାକୁ ପଡ଼ୁଛି। ହାଇୱା, ଟ୍ରକ୍, ଟ୍ରାକ୍ଟର ଗଲେ ଭୟଙ୍କର ଶବ୍ଦରେ କାନ ଅତଡ଼ା ପକାଇ ଦେଉଛି।

ଭାରତୀୟ ରୋଡ୍ କଂଗ୍ରେସର ଗାଇଡ୍‌ଲାଇନ୍ ଅନୁଯାୟୀ, ସ୍ପିଡ୍ ବ୍ରେକର ରେଡିୟସ୍ ୧୭ ମିଟର, ଚଉଡ଼ା ୩.୭ ମିଟର ଏବଂ ଉଚ୍ଚତା ୦.୧ ମିଟର ହେବା ଅବାଶ୍ୟକ। ହେଲେ ରାଜଧାନୀର ଅଧିକାଂଶ ସ୍ପିଡ୍ ବ୍ରେକର ଏହି ନିୟମ ଅନୁଯାୟୀ ନିର୍ମାଣ କରାଯାଉ ନାହିଁ। କିଛି ସ୍ଥାନରେ ୦.୮ ମି., ୦.୯ ମି. ଉଚ୍ଚତାର ସ୍ପିଡ୍ ବ୍ରେକର ନିର୍ମାଣ କରାଯାଉଛି। ଯାହାକୁ ପାର୍‌କରିବା ଚାଳକଙ୍କ ପାଇଁ ମୁସ୍କିଲ୍ ହୋଇଯାଉଛି। ବିଶେଷକରି ସ୍ପିଡ୍ ବ୍ରେକର ପାର୍ ହେଲାବେଳେ ସବୁଠାରୁ ଅଧିକ ହାଇରାଣ ହେଉଛନ୍ତି ରୋଗୀ ଏବଂ ଗର୍ଭବତୀ ମହିଳା। ଜୟଦେବ ବାଟିକା ରାସ୍ତାରେ ଗୋଟିଏ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ସ୍ପିଡ୍ ବ୍ରେକର ରହିଛି। ଏଠାରେ ଯଦି ଜଣେ ଗର୍ଭବତୀ କାର୍ କିମ୍ବା ଅଟୋରେ ଅତିକ୍ରମ କରିବେ, ତେବେ ହସ୍ପିଟାଲ ପର୍ଯ୍ୟନ୍ତ ଯିବା ଆବଶ୍ୟକ ନାହିଁ। ରାସ୍ତାରେ ହିଁ ପ୍ରସବ ହୋଇଯିବ। କେବଳ ଜୟଦେବ ବାଟିକା ନୁହେଁ ନୟାପଲ୍ଲୀ, ଚନ୍ଦ୍ରଶେଖରପୁର, ମଞ୍ଚେଶ୍ୱର, ରସୁଲଗଡ଼ ସମେତ ରାଜଧାନୀର ପ୍ରାୟ ସବୁ ଅଞ୍ଚଳରେ ଉଚ୍ଚା ଉଚ୍ଚା ସ୍ପିଡ୍ ବ୍ରେକର ଦେଖିବାକୁ ମିଳୁଛି। ଯାହାକୁ ନେଇ ଚାଳକ ଏବଂ ଯାତ୍ରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହା ବିଭିନ୍ନ ଜରୁରୀକାଳୀନ ଯାନ ଆମ୍ବୁଲାନ୍ସ, ପୁଲିସ ଏବଂ ଅଗ୍ନିଶମ ଗାଡ଼ିର ଗତିକୁ କମାଇ ଦେଉଛି। ସ୍ପିଡ୍ ବ୍ରେକର ରୋଗୀ, ବରିଷ୍ଠ ନାଗରିକଙ୍କ ଯାତାୟାତ ଉପରେ ଗଭୀର ପ୍ରଭାବ ପକାଉଛି। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଏହାଦ୍ୱାରା ଗାଡ଼ିରେ ଅଧିକ ଇନ୍ଧନ ଅପଚୟ ହେବା ସହ ବାୟୁ ପ୍ରଦୂଷଣ ହେଉଛି ବୋଲି ପରିବେଶବିତ୍ ମତ ଦେଇଛନ୍ତି। ସେହିପରି ଅଚାନକ ବ୍ରେକ୍ ମାରିବା ଦ୍ୱାରା ଗାଡ଼ି ବ୍ରେକ୍ ଫେଲ୍ ହୋଇଯାଉଛି। ବିଶେଷ କରି କାର୍‌ର ତଳଭାଗ ସ୍ପିଡ୍ ବ୍ରେକର୍‌ରେ ବାଜି ଖୁବ୍‌ଶୀଘ୍ର ନଷ୍ଟ ହୋଇଯାଉଛି।

ରାସ୍ତା ଉପରେ ମନଇଚ୍ଛା ସ୍ପିଡ୍ ବ୍ରେକର ନିର୍ମାଣ କରାଯାଉଛି। କିଏ ତିଆରି କରୁଛି। କାହାକୁ ପଚାରି ତିଆରି କରାଯାଉଛି। ତାହା କେହି ଜାଣିପାରୁ ନାହାନ୍ତି। ମନଇଚ୍ଛା ସ୍ପିଡ୍ ବ୍ରେକର ନିର୍ମାଣ କରିବା ବିରୋଧରେ ଦେଶର ବିଭିନ୍ନ କୋର୍ଟ ରାୟ ଶୁଣାଇଛନ୍ତି। ଏହା ସତ୍ତ୍ୱେ ରାଜଧାନୀର ଅଧିକାଂଶ ରାସ୍ତାରେ ବେଆଇନ୍ ଭାବେ ସ୍ପିଡ୍ ବ୍ରେକର ଦେଖାଯାଉଛି। ରାସ୍ତା ନିର୍ମାଣବେଳେ କିଛି ଲୋକ କଣ୍ଟ୍ରାକ୍ଟରଙ୍କୁ କହି ସ୍ଥାନୀୟ ଲୋକ ମନଇଚ୍ଛା ସ୍ପିଡ୍ ବ୍ରେକର ନିର୍ମାଣ କରିଦେଉଛନ୍ତି। କେଉଁ ସ୍ଥାନରେ ସ୍ପିଡ୍ ବ୍ରେକର ନିର୍ମାଣ ହେବ ଲୋକେ କେବଳ ପରାମର୍ଶ ଦେବେ। ଟ୍ରାଫିକ୍ ପୁଲିସ ନିଜଆଡୁ କିମ୍ବା ଲୋକଙ୍କ ପରାମର୍ଶକୁ ଗ୍ରହଣ କରି ସ୍ଥାନ ଚିହ୍ନଟ କରିବେ। ହେଲେ ଏଭଳି ମନଇଚ୍ଛା ସ୍ପିଡ୍ ବ୍ରେକର ନିର୍ମାଣ କରୁଥିବା ଲୋକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ପ୍ରଶାସନିକ ନିଷ୍କ୍ରିୟତା ଏଭଳି ଚିନ୍ତାଧାରକୁ ଅଧିକ ପ୍ରୋତ୍ସାହିତ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



ସତ୍ୟନଗର

### ସ୍ପିଡ୍ ବ୍ରେକର ବିରୋଧରେ ଏକାଧିକ ରାୟ

- ନୂଆଦିଲ୍ଲୀ ମ୍ୟୁନିସିପାଲିଟି କର୍ପୋରେସନ (ଏନ୍‌ଏମ୍‌ଡିସି) ବନାମ ଚନ୍ଦର କିଶୋର ଅଗରୱାଲ୍ ମାମଲାରେ ଜଣେ ମୋଟର ସାଇକଲ୍ ଚାଳକଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସ୍ପିଡ୍ ବ୍ରେକରକୁ ଠିକ୍ ଭାବେ ମରାମତି କରି ନ ଥିବାରୁ କୋର୍ଟ ଏନ୍‌ଏମ୍‌ଡିସି ବିରୋଧରେ ଏଭଳି ନିର୍ଦ୍ଦେଶ ଦେଇଥିଲେ।
- କେୱାଲ୍ ସେଲ୍‌ଫମାନୀ ବନାମ ବମ୍ବେ ମ୍ୟୁନିସିପାଲ୍ କର୍ପୋରେସନ ମାମଲାରେ ବମ୍ବେ ହାଇକୋର୍ଟ ସ୍ପିଡ୍ ବ୍ରେକରକୁ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ।
- କୁମୁବେନ୍ ସୁରେଶଚନ୍ଦ୍ର ବନାମ ଜାମନଗର ମ୍ୟୁନିସିପାଲ୍ କର୍ପୋରେସନ ମାମଲାରେ ସ୍ପିଡ୍ ବ୍ରେକର୍ ଯୋଗୁଁ ଲୋକଙ୍କ ମୃତ୍ୟୁ ଘଟୁଛି ବୋଲି କହି କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

### ସେମାନଙ୍କ ମତରେ...



ସୁରୁଖୁରୁରେ ସ୍ପିଡ୍ ବ୍ରେକରକୁ ପାର୍ କରି ହେଉଥିଲେ ଶରୀର ପ୍ରତି କୌଣସି ଅସୁବିଧା ହୋଇ ନ ଥାଏ। ହେଲେ ଯେଉଁ ସ୍ପିଡ୍ ବ୍ରେକ୍‌ରେ ଚାଳକ ଝଟ୍‌କା ଖାଉଛନ୍ତି ସେଠାରେ ଶରୀର ପ୍ରତି ଅସୁବିଧା ଦେଖାଯାଏ। ସ୍ପାଇନାଲ୍ କର୍ଡରେ କମ୍ପନ ସୃଷ୍ଟି ହେଲେ ଏଲ୍-୧ରୁ ଏଲ୍-୫ ପର୍ଯ୍ୟନ୍ତ ହାଡ଼ ପ୍ରଭାବିତ ହୋଇଥାଏ। ଯାହାଫଳରେ ଶରୀରରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ।

**ଡା. ସୋଭନ ରଥ, ଯନ୍ତ୍ରଣା ଉପଶମ ବିଶେଷଜ୍ଞ**



ରାଜଧାନୀର ବହୁ ସ୍ଥାନରେ ସ୍ପିଡ୍ ବ୍ରେକର୍, ରମ୍ବଲର ଆବଶ୍ୟକତା ରହୁଛି। ହେଲେ ସେଠାରେ ନିର୍ମାଣ ହେଉନାହିଁ। ଅନେକ ସ୍ଥାନରେ ଏଭଳି ସ୍ପିଡ୍ ବ୍ରେକର ନିର୍ମାଣ କରାଯାଉଛି କୌଣସି ସାଇନ୍‌ଏଜ୍ ରହୁନାହିଁ। ନିର୍ମାଣବେଳେ ନିର୍ଦ୍ଦିଷ୍ଟ ମାନଦଣ୍ଡ କରାଯାଉ ନାହିଁ। ଯାହା ଅଧିକ ମାରାତ୍ମକ। ମନଇଚ୍ଛା ସ୍ପିଡ୍ ବ୍ରେକର୍ ନିର୍ମାଣ ଦ୍ୱାରା ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି।

**ପ୍ରକାଶ ମହାପାତ୍ର, ସଡ଼କ ସୁରକ୍ଷା ବିଶେଷଜ୍ଞ**

## ଜବତ ହେବ ବିକଟାଳ ଶବ୍ଦ କରୁଥିବା ଗାଡ଼ି

ଭୁବନେଶ୍ୱର, ୨୦।୧(ସମିସ): ରାଜଧାନୀରେ ବିକଟାଳ ଶବ୍ଦ କରୁଥିବା ଗାଡ଼ିଗୁଡ଼ିକ ଉପରେ ଟ୍ରାଫିକ୍ ପୁଲିସର ଛାଟ। ସହରରେ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ବେପରୁଆ ଗାଡ଼ି ଚାଳକ ସତର୍କ ଘଣ୍ଟି ବଜାଇଛି ପୁଲିସ। ସାଇଲେନ୍ସର ଲଗାଇ ଠୋ ଠୋ ଶବ୍ଦ ଓ ନିଆଁ ବାହାର କରୁଥିବା ବୁଲେଟ୍‌ଗୁଡ଼ିକୁ ଜବତ କରିବା ଲାଗି ଅଣ୍ଟା ଭିଡ଼ିଛି କମିସନରେଟ୍ ପୁଲିସ। ରାଜଧାନୀର ବିଭିନ୍ନ ଛକରେ ବିକଟାଳ ଶବ୍ଦ କରୁଥିବା ବୁଲେଟ୍ ଓ ଅନ୍ୟ ଗାଡ଼ିଗୁଡ଼ିକ ଧରିବା ଲାଗି ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଚଳାଇଛି। ସୋମବାର ଉଚ୍ଚ ଶବ୍ଦ ସୃଷ୍ଟି କରି ପ୍ରଦୂଷଣ କରୁଥିବା ୧୦୦ରୁ ଅଧିକ ବୁଲେଟ୍ ଓ ଅନ୍ୟ ଗାଡ଼ିଗୁଡ଼ିକରୁ ଜବତ କରାଯାଇଛି। ପ୍ରତି ଥାନାକୁ ୨୫ଟି ଲେଖାଏଁ ଟାର୍ଗେଟ୍ ଦିଆଯାଇଥିଲା। ସୋମବାର ରାଜଧାନୀର ଏଜି, ରାଜମହଲ, ନାଲ୍‌କୋ, ପଟିଆ, ବାଣୀବିହାର, କଳ୍ପନା ଭଳି ଛକରେ ସାଇଲେନ୍ସର ଧରପଗଡ଼ କରାଯାଇଛି। ସହରରେ ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ବୁଲେଟ୍ ଓ ଅନ୍ୟ ଗାଡ଼ିଗୁଡ଼ିକୁ ବରଖାସ୍ତ କରାଯିବନି ବୋଲି ଟ୍ରାଫିକ୍ ପୁଲିସ ଚେତାଇ ଦେଇଛି। ସେହିପରି ଅନ୍ୟପଟେ ଉଚ୍ଚଶବ୍ଦ ସମ୍ପନ୍ନ ସାଇଲେନ୍ସର ବିକ୍ରି କରୁଥିବା ଦୋକାନଗୁଡ଼ିକ ଏବେ ପୁଲିସ ସ୍କାନର୍‌କୁ ଆସିଛନ୍ତି। ସେଗୁଡ଼ିକ ଉପରେ ଖୁବ୍‌ଶୀଘ୍ର ଚଢ଼ଉ କରିବା ସହ ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ଜବତ କରାଯିବ ବୋଲି ପୁଲିସ କହିଛି। ଏଥିସହ ଟ୍ରାଫିକ୍ ଭିଡ଼ ଏଡ଼େଇବା ଲାଗି ଏକାସାଥିରେ ୭ଟି ପିସିଆର୍ ସହରରେ ପଇଁତରା ମାରି ଭିଡ଼କୁ ନିୟନ୍ତ୍ରଣ କରିଥିଲା।

**କଢ଼ାଗଲା ମୋଡିଫାଏଡ୍ ସାଇଲେନ୍ସର**

## ଆଜି ବିଡିଏର ଜନଶୁଣାଣି ଶିବିର

ଭୁବନେଶ୍ୱର, ୨୦।୧(ସମିସ): ଭୁନେଶ୍ୱରରେ ଟିପି-୨ ସ୍କିମ୍ ଅଧୀନରେ ଥିବା ଜମି ମାଲିକଙ୍କୁ ନେଇ ମଙ୍ଗଳବାର ବିଡିଏ ପକ୍ଷରୁ ଏକ ଜନଶୁଣାଣି ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୫ହଜାର ଜମି ମାଲିକମାନଙ୍କୁ ବିଡିଏ ପକ୍ଷରୁ ଆମନ୍ତ୍ରଣ କରାଯାଇଛି। ସେମାନେ ତାଙ୍କର ଅଭିଯୋଗ ଏବଂ ମତାମତ ରଖିବେ। ଏହି ଅନୁଯାୟୀ ଟିପି-୨ ପ୍ରକଳ୍ପ ଆଗକୁ ଯିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ଏଥିରେ ମୁଖ୍ୟତଃ ଅନ୍ଧାରୁଆ ଏବଂ ଦାସପୁର ଗ୍ରାମାଞ୍ଚଳର ଜମି ମାଲିକ ଏବଂ ଜମିର ସ୍ୱାର୍ଥ ସଂଲଗ୍ନ ବ୍ୟକ୍ତିମାନଙ୍କ ସହ ବିଡିଏ ଅଧିକାରୀମାନେ ଟିପି-୨ ପ୍ରକଳ୍ପର ଭବିଷ୍ୟତକୁ ନେଇ ଆଲୋଚନା କରିବେ। ତେବେ ଟିପି-୨ ସ୍କିମ୍ ଲାଗୁ କରିବାକୁ ନେଇ ବିଭିନ୍ନ ସମସ୍ୟା ରହିଛି। କେଉଁଠି ଲୋକେ ଖେଳ ପଡ଼ିଆ ହେବାକୁ ନେଇ ଦାବି କରୁଛନ୍ତି ତ ପୁଣି କେଉଁଠି ପାର୍କ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ନିର୍ମାଣ କରିବାକୁ ଦାବି କରୁଛନ୍ତି। ସେହିପରି କିଛି ଲୋକ ଜମି ଅଧିଗ୍ରହଣକୁ ବିରୋଧ କରୁଛନ୍ତି। ସେମାନଙ୍କ ମୂଲ୍ୟବାନ ଜମିକୁ ବିଡିଏର ଟିପି-୨ ସ୍କିମ୍ ଅଧୀନରେ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ୧୯୮୩ ଅନ୍ତର୍ଗତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଗ୍ରାମମାନଙ୍କରେ ସହର ଯୋଜନା ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟ ଆଗକୁ ନେବାକୁ ଏଭଳି ଆଲୋଚନାକୁ ଆମନ୍ତ୍ରଣ କରାଯାଇଛି।

